# ଆନ୍ତର୍ଜାତୀୟ ଯୁବ ଦିବସ ପାଳନ ।

ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ଆନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏହାକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଛନ୍ତି । ଚଳିତ ବର୍ଷର ବାର୍ତ୍ତା ବିଶ୍ୱ ନିର୍ମାଣରେ ଯୁବ ଶକ୍ତିର ସଂପୃକ୍ତି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ଏଚ୍ ଆଇ ଭି / ଏଡସ୍ ପ୍ରତିରୋଧ ପ୍ରଦର୍ଶନୀକୁ ଜିଲ୍ଲାପାଳ ଉଦଘାଟନ କରିଥିଲେ । ଏହାଛଡା ଏହି ପରିସରରେ ସାଂସ୍କୃତକି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏଚ୍ ଆଇ ଭି / ଏଡସ୍ ସମ୍ପର୍କରେ ଏକ ସଚେତନତା ରଥ ବାହାରିଥିଲା । ଏହି ରଥ ସମସ୍ତ ବ୍ଲକରେ ୧୦ ଦିନ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ନେଇ ବୁଲିବ । ଏହାଛଡା ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶଙ୍କ ସମେତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ । ଡି ପି ଏମ୍ ଡ. ପ୍ରମିଳା ହୋତା ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।



